JOHN DEERE
FINANCIAL

## ଆଦର୍ଶ ଆଚରଣ ବିଧି

ଜନ ଡିୟର ଫାଇନାନ୍ସିଆଲ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଆମେ, ଆମେ ଓ ଆମର) ନିମ୍ନ ଲିଖିତ ଆଦର୍ଶ ଆଚରଣ ବିଧିଗୁଡ଼ିକୁ ଅନୁପାଳନ କରିବାକୁ ସ୍ୱୀକୃତି ଦେଉଛୁ ।

ଆଦର୍ଶ ଆଚରଣ ବିଧି ବ୍ୟବସ୍ଥାକୁ ଏହିସବୁ କ୍ଷେତ୍ରରେ ଲାଗୁ କରାଯିବ:

- ଋଣ ଓ ଏହାର ପ୍ରକ୍ରିୟାକରଣ ପାଇଁ
- ଋଣ ମୂଲ୍ୟାଙ୍କନ ଓ ସର୍ତ୍ତ/ବ୍ୟବସ୍ଥାବଳୀ
- ଋଣ ଆବଂଟନ ସହ ସର୍ତ୍ତ ଓ ବ୍ୟବସ୍ଥାବଳୀରେ ପରିବର୍ତ୍ତନ
- ଆବଂଟନ ପରବର୍ତ୍ତୀ ତଦାରଖ
- ସାଧାରଣ ବ୍ୟବସ୍ଥାବଳୀ

### ୧. ଋଣ ପାଇଁ ଆବେଦନ ଓ ତାହାର ପ୍ରକ୍ରିୟାକରଣ

- ଋଣଗ୍ରହୀତାଙ୍କ ପାଇଁ ସମସ୍ତ ଯୋଗାଯୋଗ ଗୁଡ଼ିକୁ ଆଂଚଳିକ ଭାଷାରେ କିମ୍ବା ଋଣଗ୍ରହୀତାଙ୍କ ଦ୍ୱାରା ବୁଝିହେଉଥିବା ଭାଷାରେ କରାଯିବ
- ଋଣ ଆବେଦନ ଫର୍ମ ସହିତ ଗ୍ରାହକଙ୍କ ସଂପୃକ୍ତ ଆବଶ୍ୟକୀୟ ସମସ୍ତ ସୂଚନା ପ୍ରଦାନ କରାଯିବ, ଯଦ୍ୱାରା ଅନ୍ୟାନ୍ୟ ଅଣ ବ୍ୟାଙ୍କିଙ୍ଗ ଫାଇନାନସ କଂପାନୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସର୍ତ୍ତ ଓ ବ୍ୟବସ୍ଥାବଳୀର ଏକ ଅର୍ଥପୂର୍ଣ୍ଣ ତୁଳନା କରାଯାଇପାରେ ଏବଂ ଋଣ ନେଇଥିବା ବ୍ୟକ୍ତିଙ୍କ ଦ୍ୱାରା ସୂଚନାଯୋଗ୍ୟ ନିଷ୍ପତି ନିଆଯାଇପାରେ । ଆବେଦନ ଫର୍ମ ସହିତ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ନଥିପତ୍ର ବିଷୟରେ ମଧ୍ୟ ସୂଚନା ରହିଛି ।
- ଆମେ ସଂପୂର୍ଣ୍ଣ ଆବେଦନ ଫର୍ମଗୁଡ଼ିକର ପ୍ରାପ୍ତି ସ୍ୱୀକାର କରିବୁ ଏବଂ ଆନୁମାନିକ ସମୟସୀମା ପ୍ରଦାନ କରିବୁ ଯେଉଁଥିରେ ଋଣ ଆବେଦନ ଋଣଗ୍ରହୀତାଙ୍କୁ ଦିଆଯିବ ।

### ୨. ଋଣ ମୂଲ୍ୟାଙ୍କନ ଓ ସର୍ତ୍ତ/ ବ୍ୟବସ୍ଥାବଳୀ

- ଆମେ ଋଣଗ୍ରହୀତାଙ୍କୁ ଆଂଚଳିକ ଭାଷା କିମ୍ବା ମଂଜୁରୀ ପତ୍ରରେ ସ୍ୱୀକୃତ ବା ଅନ୍ୟଥା ଋଣଗ୍ରହୀତାଙ୍କ ଦ୍ୱାରା ବୁଝିହେଉଥିବା ଭାଷାରେ ଲିଖିତ ଆକାରରେ ଜଣାଇବାକୁ ଚେଷ୍ଟା କରିବୁ, ମଞ୍ଜୁରୀ ହୋଇଥିବା ଋଣ ପରିମାଣ ସହ ସର୍ତ୍ତ ଓ ବ୍ୟବସ୍ଥାବଳୀ ସହ ବାର୍ଷିକ ସୁଧ ହାର ଓ ଏହାର ପ୍ରୟୋଗ ଏବଂ ଆମର ରେକର୍ଡ଼ ଗୁଡ଼ିକରେ ଋଣଗ୍ରହୀତାଙ୍କ ଦ୍ୱାରା ଏହି ସର୍ତ୍ତ ଓ ବ୍ୟବସ୍ଥାବଳୀ ଗ୍ରହଣ ଅନୁସାରେ ରଖାଯିବ । ଋଣ ରାଜିନାମାରେ ବିଳମ୍ବିତ ପଇଠ ପାଇଁ ଆଦାୟ କରାଯିବାକୁ ଥିବା ଜରିମାନା ସୁଧ ବିଷୟରେ ମଧ୍ୟ ଆମେ ଉଲ୍ଲେଖ କରିବୁ ।
- ଆମେ ଋଣ ରାଜିନାମାର ଏକ ନକଲ ପ୍ରଦାନ କରିବୁ, ବିଶେଷତଃ ଋଣଗ୍ରହୀତାଙ୍କ ଦ୍ୱାରା ବୁଝିହେଉଥିବା ଆଂଚଳିକ ଭାଷାରେ ଏଥିସହିତ ସବୁ ଋଣଗ୍ରହୀତାଙ୍କୁ ଋଣ ମଞ୍ଜୁରୀ ସମୟରେ ସମସ୍ତ ପ୍ରଯୁଜ୍ୟ ସଂଯୁକ୍ତ ନଥିପତ୍ରର କପି ପ୍ରଦାନ କରିବୁ ।

### ୩. ଋଣ ଆବଂଟନ ସହିତ ସର୍ତ୍ତ ଓ ବ୍ୟବସ୍ଥାବଳୀରେ ପରିବର୍ତ୍ତନ

- ଆକାଉଂଟରେ ନିର୍ଦ୍ଦିଷ୍ଟ ପରିବର୍ତ୍ତନ କ୍ଷେତ୍ରରେ ଋଣଗ୍ରହୀତାଙ୍କୁ ସର୍ତ୍ତ ଓ ବ୍ୟବସ୍ଥାବଳୀ ସହ ବଂଟନ କାର୍ଯ୍ୟସୂଚୀ, ସୁଧ ହାର, ସେବା ଦେୟ, ପ୍ରିପେମେଂଟ ଦେୟ ଏବଂ ଅନ୍ୟାନ୍ୟ ଦେୟ / ଶୁଳ୍କ ଅର୍ନ୍ତଭୁକ୍ତ କରି  ରାଜିନାମା ଅନୁଯାୟୀ ଯେକୌଣସି ପରିବର୍ତ୍ତନ ବିଷୟରେ ଋଣଗ୍ରହୀତାଙ୍କ ଦ୍ୱାରା ବୁଝିହେଉଥିବା ଆଂଚଳିକ ଭାଷାରେ ଲିଖିତ ଆକାରରେ ଜଣାଇବାକୁ ଚେଷ୍ଟା କରିବୁ ଏବଂ ସମୟକୁ ସମୟ ଅନୁସାରେ ସାର୍ବଜନୀନ ନୋଟିସ/ ଆମ ୱେବସାଇଟ ଦ୍ୱାରା ଜଣାଇବୁ ।
- ଆମେ ଆଶା କରୁଥିବା ସୁଧ ଦରରେ ପରିବର୍ତ୍ତନ ଏବଂ ଦେୟତା/ଶୁଳ୍କ ପରିବର୍ତ୍ତନ ସଂପର୍କରେ ନିଷ୍ପତି ନେବୁ ।
- ଆମେ ଋଣ ରାଜିନାମା ଅନୁଯାୟୀ ଋଣ ଦେୟ ରିକଲ ବା  ଋଣ ପ୍ରଦାନକୁ କାର୍ଯ୍ୟଦକ୍ଷତାରେ ପରିବର୍ତ୍ତନ କରିବାକୁ ନିଷ୍ପତି ନେବୁ ।

- ଆମେ ସମସ୍ତ ଦେୟ ପରିଶୋଧ କରିବା ଏବଂ ଋଣର ବକେୟା ପରିମାଣକୁ ହୃଦୟଙ୍ଗମ କଲାପରେ ସିକ୍ୟୁରିଟିକୁ ମୁକ୍ତ କରିବୁ, ଋଣଗ୍ରହୀତାଙ୍କ ବିରୁଦ୍ଧରେ ଆମର ଅନ୍ୟ କୌଣସି ଦାବୀକୁ ଦୃଷ୍ଟିରେ ରଖି ଆମେ ଋଣଗ୍ରହୀତାଙ୍କୁ ଅନ୍ୟକୌଣସି ଦାବୀ ଓ ସର୍ତ୍ତ ଅନୁଯାୟୀ ସର୍ତ୍ତ ପ୍ରଦାନ କରିବୁ ଯାହା ସଂପୃକ୍ତ ଦାବୀ ପ୍ରଦାନ/ ସମାଧାନ ନହେବା ପର୍ଯ୍ୟନ୍ତ ସିକ୍ୟୁରିଟିଗୁଡ଼ିକ ବଜାୟ ରହିବ ।
- ପଂଜିକୃତ କାର୍ଯ୍ୟାଳୟ: ଟାୱାର ୧୪, ସାଇବର ସିଟି, ମଗରପଟା ସିଟି,ହାଡାପସର, ପୁନେ-୪୧୧୦୧୩, ଭାରତ, ଫୋନ-+୯୧(୨୦)୬୬୪୨୫୦୦୦, ଫାକ୍ସ-୯୧(୨୦)୬୬୪୨୫୦୦୧, ୱେବସାଇଟ - www.deere.co.in

**ସାଧାରଣ ବ୍ୟବସ୍ଥାବଳୀ:**

- ଋଣ ରାଜିନାମାର ସର୍ତ୍ତ ଓ ବ୍ୟବସ୍ଥାବଳୀରେ ପ୍ରଦାନ କରାଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ ଆମେ ଋଣ ନେଇଥିବା ବ୍ୟକ୍ତିଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବୁ ନାହିଁ (ଯେପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତିଙ୍କ ଦ୍ୱାରା ନୂତନ ସୂଚନା ପ୍ରକାଶ କରାଯାଇ ନାହିଁ) ଅବଶ୍ୟ, ଏହା ସୂଚୀତ କରେ ନାହିଁଯେ ଆମର ପୁନରୁଦ୍ଧାର ତଥା ଆଇନ ଅନୁଯାୟୀ ସୁରକ୍ଷାକୁ କାର୍ଯ୍ୟକାରୀ କରିବା ତଥା ନାମାଙ୍କିତ ନିର୍ଦ୍ଦେଶଙ୍କ ନିଯୁକ୍ତିର ଆବଶ୍ୟକତା ଏହି ପ୍ରତିଶ୍ରୁତି ଦ୍ୱାରା ପ୍ରଭାବିତ ହେଉଥିବ ।
- ଋଣ ଖାତା ସ୍ଥାନାନ୍ତର ପାଇଁ ଋଣଗ୍ରହୀତାଙ୍କଠାରୁ ଏକ ଅନୁରୋଧ ପ୍ରାପ୍ତ ହେଲେ, ସମ୍ମତି କିମ୍ବା ଅନ୍ୟଥା-ଯଥା, ଆମର ଆପତି, ଯଦି ଥାଏ ତେବେ କୌଣସି ଅନୁରୋଧ ଗ୍ରହଣ ତାରିଖଠାରୁ ୨୧ ଦିନ ମଧ୍ୟରେ ଋଣଗ୍ରହୀତାଙ୍କୁ ଜଣାଇଦିଆଯିବ ଓ ଆଇନ ଅନୁସାରେ ସ୍ୱଚ୍ଛ ଚୁକ୍ତିନାମା ଅନୁଯାୟୀ ଏହିପରି ସ୍ଥାନାନ୍ତର କାର୍ଯ୍ୟ ସଂପାଦିତ ହେବ ।
- ଆମର ସଂଗ୍ରହଣ ନୀତି ସୌଜନ୍ୟତାପୂର୍ଣ୍ଣ, ନ୍ୟାୟପୂର୍ଣ୍ଣ ବ୍ୟବହାର ଓ ଆପୋଷ ବୁଝାମଣା ଆଧାରିତ ହେବ ।
- ଋଣ ପୁନରୁଦ୍ଧାର ପ୍ରସଙ୍ଗରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ହେବୁ ନାହିଁ- ଯେପରିକି ଅସମୟରେ ଋଣ ନେଇଥିବା ବ୍ୟକ୍ତିଙ୍କୁ କଷ୍ଟ ଦେବା, ପୁନରୁଦ୍ଧାର ପାଇଁ ବଳ ପ୍ରୟୋଗ ଇତ୍ୟାଦି ।
- ଗ୍ରାହକଙ୍କ ସହିତ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ ପୂର୍ବକ ତାଙ୍କ ସହ କାରବାର କରିବା ପାଇଁ ନିଜ କର୍ମଚାରୀଙ୍କୁ ତାଲିମ ଦେବୁ ।
- ଆମ କାର୍ଯ୍ୟକର୍ତ୍ତାଙ୍କ ନିଷ୍ପତିରୁ ଉତ୍ପନ୍ନ ବିବାଦ ଅନ୍ତତଃପକ୍ଷେ ପରବର୍ତ୍ତୀ ଉଚ୍ଚ ସ୍ତରରେ ଏବଂ ଆମ ଅଭିଯୋଗ ସମାଧାନ ପ୍ରଣାଳୀ ଅନୁସାରେ ଶୁଣାଯିବ ଓ ସମାଧାନ କରାଯିବ ।
- ଆମେ ଏହି ଆଦର୍ଶ ଆଚରଣ ବିଧି ଅନୁପାଳନ ସହିତ ବିଭିନ୍ନ ସ୍ତରର ପରିଚାଳନା କ୍ଷେତ୍ରରେ ଅଭିଯୋଗର ସମାଧାନ ପ୍ରଣାଳୀର କାର୍ଯ୍ୟକାରୀତା ଉପରେ ପର୍ଯ୍ୟାପ୍ତ ସମୀକ୍ଷା କରିବୁ ।

**୪. ପରବର୍ତ୍ତୀ ସହାୟତା**

ଆଦର୍ଶ ଆଚରଣ ବିଧି ସମ୍ବନ୍ଧରେ କୌଣସି ପ୍ରଶ୍ନ ଥିଲେ ଏହାଙ୍କୁ ଲେଖିପାରିବେ:

କମ୍ପ୍ଲିଆନସ ଅଫିସର
ଜନ ଡିୟର ଫାଇନାନ୍ସିଆଲ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ
ଟାୱାର ୧୪, ସାଇବର ସିଟି, ମଗରପଟା ସିଟି,ହାଡାପସର, ପୁନେ-୪୧୧୦୧୩